আ

আହ୍ଲାବାଦ ବିକାଶ ପ୍ରାଧିକାରୀ

*ବନାମ*

ନସୀରୁଜ୍ଜମାନ ଏବଂ ଅନ୍ୟମାନେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1), 6 (1), 11, 11-4, 16, 17, 17 (1-A), 17 (d)— ଅଧିସୂଚନା ଜାରି କରାଯାଇଛି— ୟୁପି ରାଜ୍ୟ ଦ୍ୱାରା ସଂଶୋଧିତ ଧାରା 17(1-A) ଅନୁଯାୟୀ ତଦନ୍ତ—ଦଖଲ କରାଯାଇଛି ଏବଂ ପରିବହନ ନଗର ଯୋଜନା ହସ୍ତାନ୍ତର କରାଯାଇଛି—ଉଚ୍ଚ ନ୍ୟାୟାଳୟ ଘୋଷଣା କରିଛନ୍ତି ଯେ, ଅଧିଗ୍ରହଣ କାର୍ଯ୍ୟବିଧିକୁ ଅବ୍ୟାହତ କରାଗଲା ଏବଂ ଉତ୍ତରଦାତାମାନଙ୍କୁ ଦଖଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଗଲା–ଅପିଲରେ ଦର୍ଶାଯାଇଛି:ଏହି ସଂଶୋଧନକୁ କେବଳ ବିଚାରାଧୀନ କାର୍ଯ୍ୟବିଧିରେ ନିର୍ଭର କରିବାକୁ ପଡ଼ିବ—ଧାରା 17 (4) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଦଖଲ କରାଯିବା ପରେ, ଧାରା 16 ଅନୁଯାୟୀ ରାଜ୍ୟର ଅଧିକାରପ୍ରାପ୍ତ ଜମି ସମସ୍ତ ଭାରରୁ ମୁକ୍ତ ହୋଇଗଲା—ଧାରା 4 (1) ଅନୁଯାୟୀ ଅଧିସୂଚନା କାର୍ଯ୍ୟବିଧି ଏବଂ ଧାରା 6 ଅନୁଯାୟୀ ଘୋଷଣା ଅବସାନ ହେବ ନାହିଁ—ଯେଉଁଠାରେ ସ୍ଥଗିତ କିମ୍ବା ପୂର୍ବ ନିର୍ଣ୍ଣୟ ନୀତି ପ୍ରଯୁଜ୍ୟ ହୁଏ ନାହିଁ, ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କିଛି ଆଇନଗତ ନିର୍ଦ୍ଦେଶ କିମ୍ବା ନିଷେଧକୁ ବିରୋଧ କରାଯିବ- ଉତ୍ତରଦାତାମାନେ ଦଖଲ ନେବା ତାରିଖରୁ ଗୋଟିଏ ବର୍ଷ ପାଇଁ 9% ସୁଧ ଏବଂ ତାପରେ ନ୍ୟାୟାଳୟରେ ଜମା ହେବା ପର୍ଯ୍ୟନ୍ତ 15% ସୁଧ ପାଇବା ପାଇଁ ହକଦାର ଅଟନ୍ତି ।*

*ଏଚ୍.ପି.ର ଉପରାଜ୍ୟପାଳ ବନାମ ଅଭିନାଶ ଶର୍ମା,* **[1971] 1 SCR 413;** *ସତେନ୍ଦ୍ର ପ୍ରସାଦ ଜୈନ ଏବଂ ଅନ୍ୟମାନେ ବନାମ ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ,* **[1993] 4 SCC 369;** *ଅବଧ ବିହାରୀ ଯାଦବ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ,* **[1995] 6 SCC 31** *ଏବଂ ନଗର ପାଳିକା ସମିତି, ଅମୃତସର ଏବଂ ଅନ୍ୟଜଣେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ,* **[1969] 3 SCR 447***,* **ଉପରେ ନିର୍ଭର କରିଥିଲେ ।**

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 12032/1996 ।

ସି.ଏମ୍.ଡବ୍ଲ୍ୟୁ.ପି. ସଂଖ୍ୟା 31398 / 1992 ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 15.12.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ମିଲନ ବାନାର୍ଜୀ ଏବଂ ଆର୍.ବି. ମିଶ୍ର ।

ଉତ୍ତରଦାତାମାନେ ବ୍ୟକ୍ତିଗତ ଭାବେ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଅନୁମତି ପ୍ରଦାନ କରାଗଲା ।

ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଏବଂ ଜଣେ ଉତ୍ତରଦାତା ପେଷାରେ ଅଧିବକ୍ତାଙ୍କ ବ୍ୟକ୍ତିଗତ ମତ ଶୁଣିଛୁ ।

ପରିବହନ ନଗର ଯୋଜନା ପାଇଁ 23 ବିଘା ଏବଂ 29 ବିଶ୍ୱା ପରିମିତ ଜମି ଅଧିଗ୍ରହଣ ପାଇଁ ଭୂମି ଅଧିଗ୍ରହଣ ଅଧିନିୟମ, 1984 (1/1894) (ସଂକ୍ଷେପରେ, 'ଅଧିନିୟମ')ର ଧାରା 4 (1) ଅଧୀନରେ ଏକ ଅଧିସୂଚନା, 18 ଜୁନ୍ 1977 ମସିହାରେ ପ୍ରକାଶିତ ହୋଇଥିଲା । ଅଧିନିୟମ 5 (1) ଅନୁଯାୟୀ ତଦନ୍ତ, ଧାରା 17 (1-A) ଅନୁଯାୟୀ କ୍ଷମତା ବ୍ୟବହାର କରି ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯେପରି ୟୁପିର ବିଧାନସଭା ଦ୍ୱାରା ଅଧିନିୟମକୁ ପ୍ରତିସ୍ଥାପିତ କରି ସଂଶୋଧନ କରାଯାଇଥିଲା । 2 ନଭେମ୍ବର 1977 ରେ ଏହାର ଦଖଲ କରାଯାଇଥିଲା ଏବଂ ପରିବହନ ନଗର ଯୋଜନାରେ ସ୍ଥାନାନ୍ତରିତ କରାଯାଇଥିଲା । ଅଧିନିୟମର ଧାରା 16 ଅନୁଯାୟୀ ରାଜ୍ୟକୁ ପ୍ରଦାନ କରାଯାଇଥିବା ଜମିଗୁଡ଼ିକ ସମସ୍ତ ପ୍ରକାର ଋଣଭାରରୁ ମୁକ୍ତ ଥିଲା ଏବଂ ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା ।

ବିଚାର ପାଇଁ ଉଠୁଥିବା ପ୍ରଶ୍ନଟି ହେଉଛି : ଉଚ୍ଚ ନ୍ୟାୟାଳୟ ଡିସେମ୍ବର 15,1993 ତାରିଖର ଆଦେଶ ଏବଂ ଜାନୁଆରୀ 29, 1990 ତାରିଖର ଆଦେଶ ପାରିତ କରି ସଠିକ ଭାବରେ ଦର୍ଶାଇଥିଲେ କି, ଯେଉଁଥିରେ ଘୋଷଣା କରାଯାଇଥିଲା ଯେ, ଅଧିନିୟମ 68/1984 ଦ୍ୱାରା ସଂଶୋଧିତ ଧାରା 11-A ର ପରିଚାଳନା ଦ୍ୱାରା ଅଧିଗ୍ରହଣ ପ୍ରକ୍ରିୟା ଅବ୍ୟାହତ ରହିଛି ଏବଂ ଉତ୍ତରଦାତାମାନଙ୍କୁ ଦଖଲ ପ୍ରଦାନ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଆଇନ ଅନୁଯାୟୀ ହେବ ? ଏହି ଯୁକ୍ତି ଏବେ ନିଷ୍ପତ୍ତି ନହୋଇଥିବା ବିଷୟ ହୋଇ ରହିନାହିଁ । *ଏନ୍.ପି. ର ଉପ ରାଜ୍ୟପାଳ ବନାମ ଅଭିନାଶ ଶର୍ମା* , [1971] 1 SCR 413 ମାମଲାରେ ଏହି ନ୍ୟାୟାଳୟ କହିଥିଲେ ଯେ, ଥରେ ଜମିଗୁଡ଼ିକ ସମସ୍ତ ପ୍ରକାରର ଜବରଦଖଲରୁ ମୁକ୍ତ ହୋଇ ରାଜ୍ୟର ହସ୍ତଗତ ହୋଇଗଲା ପରେ, ଜମିକୁ ବିକ୍ରୟ କରି ପୂର୍ବ ମାଲିକମାନଙ୍କୁ ଜମିକୁ ହସ୍ତାନ୍ତର କରିବାର କୌଣସି ପ୍ରଶ୍ନ ଉଠେ ନାହିଁ । ପୂର୍ବତନ ମାଲିକଙ୍କର ଏକମାତ୍ର ଅଧିକାର ହେଉଛି, ଅଧିନିୟମ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ କରିବା । ଧାରା 6 (1) ଅନୁଯାୟୀ ଘୋଷଣା ପ୍ରକାଶିତ ହେବା ପରେ ଅଧିନିର୍ଣ୍ଣୟ ପାରିତ କରିବାରେ ଅତ୍ୟଧିକ ବିଳମ୍ବ ହୋଇଥିବା ଦୃଷ୍ଟିରୁ, ସଂସଦ ସଂଶୋଧନ ଅଧିନିୟମରେ ଧାରା 11-A ପ୍ରଚଳନ କରିଥିଲା ଏବଂ ନିର୍ଦ୍ଦେଶ ଦେଇଥିଲା ଯେ, ଘୋଷଣା ପ୍ରକାଶନ ତାରିଖରୁ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାପାଳ ଧାରା 11 ଅନୁଯାୟୀ ଏକ ଅଧିନିର୍ଣ୍ଣୟ ପାରିତ କରିବେ । ଯଦି ସେହି ସମୟ ମଧ୍ୟରେ କୌଣସି ଅଧିନିର୍ଣ୍ଣୟ ଦିଆଯାଇନଥାଏ, ତେବେ ଜମି ଅଧିଗ୍ରହଣ ପାଇଁ ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇଯିବ । ଏହି ସର୍ତ୍ତାବଳୀ ଅନୁଯାୟୀ, ଏହା କୁହାଯାଇଥିଲା ଯେ, ଯେଉଁଠାରେ ସଂଶୋଧନ ଅଧିନିୟମ ଆରମ୍ଭ ହେବା ପୂର୍ବରୁ ଘୋଷଣାନାମା ପ୍ରକାଶିତ ହୋଇଛି, ସେଠାରେ ସଂଶୋଧନ ଅଧିନିୟମ ଆରମ୍ଭ ହେବାର ଦୁଇ ବର୍ଷ ମଧ୍ୟରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରାଯିବ । ଆକ୍ଷେପିତ ରାୟରେ, ଏହା ଦେଖାଯାଉଛି ଯେ, ବିଜ୍ଞ ବିଚାରପତିମାନେ ଅଧିବକ୍ତାଙ୍କୁ ଯାଞ୍ଚ କରିବାକୁ କହିଥିଲେ ଯେ, ଅଧିନିର୍ଣ୍ଣୟ ଦୁଇ ବର୍ଷ ମଧ୍ୟରେ ପ୍ରଦାନ କରାଯାଇଛି କି ନାହିଁ, ଯେପରି ସୂଚିତ ହୋଇଛି । ଯାଞ୍ଚରେ ଅଧିବକ୍ତା କହିଥିଲେ ଯେ, ସଂଶୋଧନ ଅଧିନିୟମ ଆରମ୍ଭ ହେବାର ଦୁଇ ବର୍ଷ ମଧ୍ୟରେ, ଅର୍ଥାତ୍ ସେପ୍ଟେମ୍ବର 24, 1984 ମଧ୍ୟରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରାଯାଇନଥିଲା । ଫଳସ୍ୱରୂପ, ଘୋଷଣା କରାଯାଇଥିଲା ଯେ, ଧାରା 4 (1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ

ଘୋଷଣା ଅଚଳ ହୋଇଯାଇଛି । ଏହି ପ୍ରଶ୍ନକୁ ଏହି ନ୍ୟାୟାଳୟ *ସତ୍ୟେନ୍ଦ୍ର ପ୍ରସାଦ ଜୈନ ଏବଂ ଅନ୍ୟମାନେ ବନାମ ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ,* [1993] 4 SCC 369 ଏବଂ 38 ରେ *ଅବଧ ବିହାରୀ ଯାଦବ ଏବଂ ଅନ୍ୟମାନେ ବନାମ ରାଜ୍ୟ ବିହାର ଏବଂ ଅନ୍ୟମାନେ,* [1995] 6 SCC 31 ରେ ପରୀକ୍ଷା କରିଥିଲେ ଏବଂ କହିଥିଲେ ଯେ, ଧାରା 11-A ଧାରା 17 ଅନୁଯାୟୀ ଅଧିଗ୍ରହଣ ମାମଲାଗୁଡ଼ିକରେ ପ୍ରଯୁଜ୍ୟ ନୁହେଁ ଯେଉଁଠାରେ ଦଖଲ ପୂର୍ବରୁ କରାଯାଇଥିଲା ଏବଂ ଜମି ରାଜ୍ୟର ଅଧୀନରେ ଥିଲା । ଘୋଷଣା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବାରେ ବିଫଳ ହେବା ଯୋଗୁଁ ଧାରା 4 (1) ଅନୁଯାୟୀ ବିଜ୍ଞପ୍ତି ଏବଂ ଧାରା 6 ଅନୁଯାୟୀ ଘୋଷଣା ଅଚଳ ହୁଏ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ମତ ଆଇନ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ଅଟେ ।

ଏହା ନିସନ୍ଦେହ ସତ୍ୟ ଯେ, କେବଳ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା ପାଇଁ ଦାଖଲ ହୋଇଥିବା ଆବେଦନ ବ୍ୟତୀତ ଉକ୍ତ ଆଦେଶ ବିରୁଦ୍ଧରେ କୌଣସି ଅପିଲ ଦାଖଲ କରାଯାଇନଥିଲା । ତେଣୁ ପ୍ରଶ୍ନ ହେଉଛି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ଠିକ କି ? 1971 ମସିହାର ପ୍ରାରମ୍ଭରେ, ଏହି ନ୍ୟାୟାଳୟ କହିଥିଲେ ଯେ, ଜମିଗୁଡ଼ିକ ରାଜ୍ୟର ହାତରେ ନ୍ୟସ୍ତ ହେବା ପରେ, ଅଧିଗୃହିତ ଜମିକୁ ପୂର୍ବ ମାଲିକଙ୍କ ଠାରୁ ଅଲଗା କରିବା ଏବଂ ପୁନଃନିବେଶ କରିବାର ପ୍ରଶ୍ନ ଉଠୁନାହିଁ । କେବଳ ବିଚାରାଧୀନ କାର୍ଯ୍ୟବିଧିରେ ସଂଶୋଧନ ଅଧିନିୟମ ଉପରେ ନିର୍ଭର କରିବାକୁ ପଡ଼ିବ । କିନ୍ତୁ ଥରେ ଅଧିନିୟମ ଧାରା 17 (4) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଦଖଲ କରାଯିବା ପରେ, ଧାରା 16 ଅନୁଯାୟୀ ଜମିଗୁଡ଼ିକ ସମସ୍ତ ଭାରରୁ ମୁକ୍ତ ହୋଇ ରାଜ୍ୟର ଅଧୀନରେ ନ୍ୟସ୍ତ ହୋଇଗଲା । ତେଣୁ, ଧାରା 4 (1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ ଘୋଷଣାର କାର୍ଯ୍ୟ ସମାପ୍ତ ହେବାର ପ୍ରଶ୍ନ ଉଠୁନାହିଁ । ତେଣୁ, ଖଣ୍ଡପୀଠଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଭାବରେ ଭୁଲ ଥିଲା । ସେହି ଦୃଷ୍ଟିକୋଣରୁ, ଏହି ନ୍ୟାୟାଳୟ ନଗର ପାଳିକା, ଅମ୍ରିତସର ଏବଂ ଅନ୍ୟଜଣେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ, [1969] 3 SCR 447 ର 454 ରେ ବିଚାର କରିଛନ୍ତି ଏବଂ ଏହିପରି ନିର୍ଣ୍ଣୟ ନେଇଛନ୍ତି:

> "*ମୋହିନ୍ଦର ସିଂହ ସାହନିଙ୍କ* ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଅଧିନିୟମକୁ ରଦ୍ଦ କରିବା ପାଇଁ ଦିଆଯାଇଥିବା ଆଦେଶ ଏହି ଧାରଣା ଉପରେ ଦିଆଯାଇଥିଲା ଯେ, ଅଧିନିୟମର ବୈଧତା "ଆଇନର ଉପଯୁକ୍ତ ପ୍ରକ୍ରିୟା" ପରୀକ୍ଷା ଦ୍ଵାରା ବିଚାର କରାଯିବା ଆବଶ୍ୟକ । ଏପରି ଅନୁମାନ କରିବାରେ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଭୁଲ କରିଥିଲେ । ଆମେ ଏହା ମଧ୍ୟ ଧାର୍ଯ୍ୟ କରି ପାରିବୁ ନାହିଁ ଯେ, ପୂର୍ବ ନିଷ୍ପତ୍ତି ସେହି ଆବେଦନକାରୀଙ୍କ ସପକ୍ଷରେ ମଧ୍ୟ ପୂର୍ବ ନିର୍ଣ୍ଣୟ ଭାବରେ କାର୍ଯ୍ୟ କରେ ଯେଉଁମାନଙ୍କର ଆବେଦନରେ ଉଚ୍ଚ ନ୍ୟାୟାଳୟ ପ୍ରଥମ ଆବେଦନ ଗୋଷ୍ଠୀରେ ଏକ ନିର୍ଦ୍ଦେଶ ଦେଇଥିଲେ । ସେହି ନିଷ୍ପତ୍ତିର ପ୍ରଭାବ କେବଳ ଏହା ଥିଲା ଯେ, ଆଇନରେ "ଗୋ-ମେଳା" ଶବ୍ଦର କୌଣସି ପରିଭାଷା ନ ଥିବାରୁ ଆଇନଟି ଆଇନଗତ ଭାବରେ ଅସ୍ତିତ୍ଵହୀନ ଥିଲା । ପଞ୍ଜାବ ଅଧିନିୟମ 18/1968 ଦ୍ଵାରା ସେହି ତ୍ରୁଟିକୁ ଦୂର କରାଯାଇଛି । ଆମେ ଶୀଘ୍ର ଲକ୍ଷ୍ୟ କରିପାରୁ ଯେ, ଆମେ ସହମତ ହେବାରେ ଅସମର୍ଥ ଯେ, ମୂଳତଃ ପ୍ରଣୀତ ଅଧିନିୟମଟି ଅସ୍ପଷ୍ଟତା ହେତୁ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ନାହିଁ ।"

ଉପରୋକ୍ତ ନିଷ୍କର୍ଷକୁ ଦୃଷ୍ଟିରେ ରଖି, ଏହା ଦେଖାଯାଏ ଯେ, ଯେତେବେଳେ ବିଧାନସଭା ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥାଏ ଏବଂ କାର୍ଯ୍ୟ କରିବାରେ ବିଫଳତା ଏକ ପରିଣାମରେ ପରିଣତ ହୁଏ, ସେତେବେଳେ ପ୍ରଶ୍ନ ଉଠେ ଯେ, ପୂର୍ବ ନିର୍ଣ୍ଣୟ, ବିବାଦରେ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିଚାର ବା ପ୍ରତିରୋଧ ଭାବରେ କାର୍ଯ୍ୟ କରେ କି ?

ଯେତେବେଳେ ପୂର୍ବ ନିର୍ଣ୍ଣୟଟି ସ୍ପଷ୍ଟ ଭାବରେ ଭୁଲ ବୋଲି ଜଣାପଡ଼ିଲା, ଏହି ନ୍ୟାୟାଳୟ ଉପରୋକ୍ତ ରାୟରେ କହିଥିଲେ ଯେ, ଏହା ଏକ ପୂର୍ବ ନିର୍ଣ୍ଣୟ ଭଳି କାର୍ଯ୍ୟ କରେ ନାହିଁ । ଆମେ ସମ୍ମାନର ସହ ସେଥିରେ ଥିବା ନିଷ୍ପତ୍ତିକୁ ଅନୁସରଣ କରୁ । ସ୍ତମ୍ଭନ କିମ୍ବା ପୂର୍ବ ନିର୍ଣ୍ଣୟ ନୀତି ପ୍ରଯୁଜ୍ୟ ହୁଏ ନାହିଁ, ଯେଉଁଠାରେ ସେମାନଙ୍କୁ କାର୍ଯ୍ୟକାରୀ କରିବା ପାଇଁ କିଛି ସାମ୍ବିଧାନିକ ନିର୍ଦ୍ଦେଶ କିମ୍ବା ନିଷେଧକୁ ବିରୋଧ କରାଯିବ । ପକ୍ଷମାନଙ୍କ ମଧ୍ୟରେ ପୂର୍ବ ନିଷ୍ପତ୍ତି ଦ୍ୱାରା ଏକ ଆଇନଗତ ନିର୍ଦ୍ଦେଶ କିମ୍ବା ନିଷେଧକୁ ଅଗ୍ରାହ୍ୟ କିମ୍ବା ବିଫଳ କରାଯାଇପାରିବ ନାହିଁ । ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ ଜମି ପୂର୍ବରୁ ରାଜ୍ୟରେ ସମସ୍ତ ବାଧାବିଘ୍ନରୁ ମୁକ୍ତ ହୋଇ ରହିଥିଲା, ତେଣୁ ବିକ୍ରୟର ପ୍ରଶ୍ନ ଉଠୁନାହିଁ । ନ୍ୟସ୍ତ ହେବା ପରେ, ଧାରା 4 (1) ଅନୁଯାୟୀ ଅଧିସୂଚନା ବାତିଲ ହେବା ଏବଂ ଧାରା 6 ଅନୁଯାୟୀ ଘୋଷଣା ହେବାର ପ୍ରଶ୍ନ ଉଠିବ ନାହିଁ । ଏହି ଦୃଷ୍ଟିକୋଣରୁ ବିଚାର କଲେ, ମୂଳ ନିର୍ଦ୍ଦେଶ ସ୍ୱୟଂ ତ୍ରୁଟି ଥିଲା ଏବଂ ଫଳସ୍ୱରୂପ ଜମିର ଦଖଲ ପ୍ରଦାନ ସମ୍ପର୍କରେ ପରବର୍ତ୍ତୀ ନିର୍ଦ୍ଦେଶ ଆଇନଗତ ଭାବରେ ବୈଧ ନଥିଲା । ଅଧିକନ୍ତୁ, ଏହା ସ୍ପଷ୍ଟ କରାଯାଇଛି ଯେ, ଉତ୍ତରଦାତାମାନେ ସମ୍ପତ୍ତି ଗ୍ରହଣ ତାରିଖରୁ ଗୋଟିଏ ବର୍ଷ ପାଇଁ 9% ହାରରେ ସୁଧ ପାଇବାକୁ ହକଦାର ଏବଂ ତା'ପରେ ନ୍ୟାୟାଳୟରେ ଜମା ତାରିଖ ପର୍ଯ୍ୟନ୍ତ ପ୍ରତିବର୍ଷ 15% ହାରରେ ସୁଧ ପାଇବାକୁ ହକଦାର ଅଟନ୍ତି । ଉତ୍ତରଦାତାମାନେ ଅଧିନିର୍ଣ୍ଣୟ ତାରିଖ ଅନୁଯାୟୀ ବଜାର ମୂଲ୍ୟ ପାଇବାକୁ ହକଦାର ନୁହଁନ୍ତି ।

ଏହି ପରିବର୍ତ୍ତନଗୁଡ଼ିକ ସହିତ, ଅପିଲକୁ ଅନୁମତି ଦିଆଯାଇଛି, କିନ୍ତୁ, ଏହି ପରିସ୍ଥିତିଗୁଡ଼ିକରେ, କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**